# REGIONAL NEWS UNIT, AIR CUTTACK

## Evening Bulletin (6.45PM)

**22 March - 2026**

**********************************

## ମୁଖ୍ୟ ସମ୍ବାଦ

- ସାମ୍ପ୍ରତିକ ବୈଶ୍ୱିକ ପରିସ୍ଥିତିରେ ଅଶୋଧିତ ତୈଳ ଆମଦାନୀ ଏବଂ ଗ୍ୟାସ୍ ଯୋଗାଣ ନେଇ ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ନୂଆଦିଲ୍ଲୀରେ ଚାଲିଛି ଉଚ୍ଚସ୍ତରୀୟ ବୈଠକ
- ଜଳ ସଂରକ୍ଷଣକୁ ଜନଆନ୍ଦୋଳନରେ ପରିଣତ କରିବାକୁ ରାଜ୍ୟବାସୀଙ୍କୁ ଆହ୍ୱାନ ଦେଲେ ମୁଖ୍ୟମନ୍ତ୍ରୀ
- ଜେଲଗୁଡ଼ିକର ସଦ୍ୟତମ ସ୍ଥିତି ନେଇ ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳଗୁଡ଼ିକରୁ ରିପୋର୍ଟ ମାଗିଲେ ସୁପ୍ରିମ୍‌କୋର୍ଟ

ଏବଂ

- ରାଜ୍ୟର ବିଭିନ୍ନ ଅଂଚଳରେ ଆଗାମୀ ୪ ଦିନ ପର୍ଯ୍ୟନ୍ତ  ଦିନ ତାପମାତ୍ରା ବୃଦ୍ଧି ନେଇ ଆକଳନ କଲା ପାଣିପାଗ କେନ୍ଦ୍ର

## ପିଏମ୍-ବୈଠକ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ନୂଆଦିଲ୍ଲୀରେ କେନ୍ଦ୍ର ମନ୍ତ୍ରିମଣ୍ଡଳର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହେଉଛି । ସାମ୍ପ୍ରତିକ ବୈଶ୍ୱିକ ପରିସ୍ଥିତିରେ ଅଶୋଧିତ ତୈଳ ଆମଦାନୀ ଏବଂ ଗ୍ୟାସ୍ ଯୋଗାଣ ନେଇ ବୈଠକରେ ମତ ବିନିମୟ ହେଉଥିବା ଜଣାପଡିଛି । ବୈଠକରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହ, ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ, ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ, ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ବାଣିଜ୍ୟମନ୍ତ୍ରୀ ପୀୟୁଷ ଗୋଏଲ, ପେଟ୍ରୋଲିୟମ୍ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରୀ ହରଦୀପ ସିଂ ପୁରୀ, ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି. ନଡ୍ଡାଙ୍କ ସମେତ ମନ୍ତ୍ରିମଣ୍ଡଳର ବରିଷ୍ଠ ସଦସ୍ୟ ଯୋଗ ଦେଇଛନ୍ତି ।

## ବିଶ୍ୱ ଜଳଦିବସ

ଜଳର ମହତ୍ତ୍ୱ ସମ୍ପର୍କରେ ସମସ୍ତଙ୍କୁ ଅବଗତ କରାଇବା, ଦୁରୂପଯୋଗ ରୋକିବା, ପ୍ରତ୍ୟେକ ବ୍ୟକ୍ତିଙ୍କ ନିକଟରେ ସ୍ୱଚ୍ଛ ପାନୀୟ ଜଳ ପହଁଞ୍ଚାଇବା ଲକ୍ଷ୍ୟ ନେଇ ଆଜି ବିଶ୍ୱ ଜଳଦିବସ ପାଳନ କରାଯାଉଛି । ଚଳିତବର୍ଷ ଏହି ଦିବସର ବିଷୟବସ୍ତୁ ରହିଛି **'ଜଳ ଓ ଲିଙ୍ଗଗତ ସମାନତା' ।** 'ଜଳପ୍ରବାହ ସହ ସମାନତାରେ ଉନ୍ନତି' ଶୀର୍ଷକ ସ୍ଲୋଗାନ ସହ ଚଳିତବର୍ଷର ଏହି ଦିବସ ପାଳିତ ହେଉଛି । ୨୦୩୦ ମସିହା ସୁଦ୍ଧା ବିଶ୍ୱର ପ୍ରତ୍ୟେକ ବ୍ୟକ୍ତିଙ୍କୁ ସ୍ୱଚ୍ଛ ଜଳଯୋଗାଣ ଏହି ଦିବସ ପାଳନର ଅନ୍ୟତମ ଉଦ୍ଦେଶ୍ୟ ।

ଜଳ ସଂରକ୍ଷଣକୁ ଏକ ଜନଆନ୍ଦୋଳନରେ ପରିଣତ କରିବା ପାଇଁ ସହ ସମସ୍ତଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆହ୍ୱାନ ଦେଇଛନ୍ତି । ଭୁବନେଶ୍ୱର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଆୟୋଜିତ ରାଜ୍ୟସ୍ତରୀୟ

ସମାରୋହରେ ଯୋଗଦେଇ  ଶ୍ରୀ ମାଝୀ କହିଛନ୍ତି, ଏକ ବୁନ୍ଦା ଜଳ ମଧ୍ୟ ଜୀବନ ପାଇଁ ଦୁର୍ମୁଲ୍ୟ। ଏହାକୁ ସଂରକ୍ଷଣ କରିବା ନେଇ ସମସ୍ତେ ଶପଥ ନେବାକୁ ଶ୍ରୀ ମାଝୀ କହିଛନ୍ତି। ବିଦ୍ୟାଳୟ ସ୍ତରରେ ଏଥିପାଇଁ ପଦକ୍ଷେପ ଗ୍ରହଣ କରାଯିବା ସହ ଭବିଷ୍ୟତରେ ଜଳ ସୈନିକ ପ୍ରସ୍ତୁତ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

ପ୍ରଧାନମନ୍ତ୍ରୀଙ୍କ ଜଳଜୀବନ ମିଶନକୁ ଏକ ବୈପ୍ଳବିକ ଯୋଜନା ବୋଲି ଅଭିହିତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ପ୍ରତି ଘରକୁ ପାଇପ୍ ଯୋଗେ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଜଳାଭାବକୁ ଦୂର କରିବା ପାଇଁ ସରକାର ସଂକଳ୍ପବଦ୍ଧ।

## - V/O - (CM)

ଏହି ଅବସରରେ ମୁଖ୍ୟମନ୍ତ୍ରୀ ବିଭିନ୍ନ ଜଳସମ୍ପଦ ପ୍ରକଳ୍ପର ଶିଳାନ୍ୟାସ ଓ ଲୋକାର୍ପଣ କରିଛନ୍ତି। ୨ ହଜାର ୨୯୨ କୋଟି ଟଙ୍କା ମୂଲ୍ୟର ୧୭ଟି ପ୍ରକଳ୍ପର ଶିଳାନ୍ୟାସ କରାଯାଇଥିବାବେଳେ ପ୍ରାୟ ୩୨୦ କୋଟି ଟଙ୍କା ବ୍ୟୟ ବରାଦରେ ୧୨୪ଟି ପ୍ରକଳ୍ପର ଲୋକାର୍ପଣ କରାଯାଇଛି। ଏଥିସହ ଚାଷୀଙ୍କ ସମସ୍ୟାର ସମାଧାନ କରିବା ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀ ଆଜି କୃତ୍ରିମ ବୁଦ୍ଧିମତ୍ତା ପରିଚାଳିତ ଚାଟବଟ୍ **'ବିନ୍ଦୁ'**ର ଲୋକାର୍ପଣ କରିଛନ୍ତି। କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ  କନକବର୍ଦ୍ଧନ ସିଂହଦେଓ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଏବଂ ଜଳସମ୍ପଦ ବିଭାଗ ସଚିବ ପ୍ରମୁଖ ଉପସ୍ଥିତ ଥିଲେ।

## ସ୍ୱାସ୍ଥ୍ୟ ସମୀକ୍ଷା ବୈଠକ

ଭୁବନେଶ୍ୱର ଲୋକସେବା ଭବନରେ ସ୍ୱାସ୍ଥ୍ୟ ବିଭାଗର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ବୈଠକରେ

ଯୋଗଦେଇ ସରକାରୀ ହସପିଟାଲଗୁଡ଼ିକରେ ଅଗ୍ନି ନିରାପତ୍ତା ନିୟମକୁ କଡାକଡି ପାଳନ କରିବା ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି। ବିଭାଗର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଷୟ ସମ୍ପର୍କରେ ଆଲୋଚନା ହେବା ସହ ସମୟୋପଯୋଗୀ ପଦକ୍ଷେପ ନେବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ମନ୍ତ୍ରୀ ପରାମର୍ଶ ଦେଇଥିଲେ। ଆଲୋଚନାରେ ସ୍ୱାସ୍ଥ୍ୟ ସଚିବ ଓ ବରିଷ୍ଠ ଅଧିକାରୀଙ୍କ ସମେତ ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀମାନେ ଆଭାସୀ ମାଧ୍ୟମରେ ଉପସ୍ଥିତ ରହିଥିଲେ।

## ଧର୍ମେନ୍ଦ୍ର ପ୍ରଧାନ

ଆଗାମୀ ଦଶନ୍ଧୀରେ ଭାରତ ଡିପ୍ ଟେକ୍ କ୍ଷେତ୍ରର ନେତୃତ୍ୱ ନେବ ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ମୁମ୍ବାଇଠାରେ ଭାରତ ଇନୋଭେଟସ୍ ଡିପ୍ ଟେକ୍ ପ୍ରାକ୍ ସମ୍ମିଳନୀ ୨୦୨୬ର ସମାପନୀ ସମାରୋହରେ ଯୋଗଦେଇ ଶ୍ରୀ ପ୍ରଧାନ-୨୦୪୭ ବିକଶିତ ଭାରତ ସ୍ୱପ୍ନ ପୂରଣ ଦିଗରେ ଶିକ୍ଷାନୁଷ୍ଠାନ, ଶିଳ୍ପ କ୍ଷେତ୍ର ଅର୍ଥନୈତିକ ଗତିଶୀଳତା ଏବଂ ଯୁବବର୍ଗଙ୍କ ଉପରେ ନିହିତ ରହିଛି ବୋଲି କହିଛନ୍ତି। ଏହି ଅବସରରେ ନବସୃଜନକୁ ପ୍ରୋତ୍ସାହନ ପ୍ରଦାନ କରିବା ଲକ୍ଷ୍ୟରେ କେନ୍ଦ୍ର ସରକାର ଗ୍ରହଣ କରୁଥିବା ପଦକ୍ଷେପଗୁଡ଼ିକ ଉପରେ ମନ୍ତ୍ରୀ ଶ୍ରୀ ପ୍ରଧାନ ଆଲୋକପାତ କରିଛନ୍ତି।

## ସୁପ୍ରିମକୋର୍ଟ

ଜେଲଗୁଡ଼ିକର ସଦ୍ୟତମ ସ୍ଥିତି ନେଇ ସୁପ୍ରିମ୍‌କୋର୍ଟ ସବୁ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଂଚଳଗୁଡ଼ିକୁ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବିଚାରପତି ଜଷ୍ଟିସ୍ ବିକ୍ରମ ନାଥ ଏବଂ ଜଷ୍ଟିସ୍ ସନ୍ଦିପ୍ ମେହେଟାଙ୍କ ଖଣ୍ଡପୀଠ ଏ ସଂକ୍ରାନ୍ତ ଏକ ମାମଲା ଶୁଣାଣି ଅବସରରେ ଆସନ୍ତା ମଇ ମାସ ୧୮

ତାରିଖ ସୁଦ୍ଧା ରିପୋର୍ଟ ଦାଖଲ କରିବାକୁ କହିଛନ୍ତି। ଜେଲ୍‌ଗୁଡ଼ିକରେ ମଞ୍ଜୁରୀପ୍ରାପ୍ତ କ୍ଷମତା, ବର୍ତ୍ତମାନର କଏଦୀ ସଂଖ୍ୟା ଏବଂ ମୌଳିକ ସୁବିଧା ସୁଯୋଗର ଉପଲବ୍ଧତା ନେଇ ସମ୍ପୂର୍ଣ୍ଣ ତଥ୍ୟ ଦାଖଲ କରିବାକୁ ଖଣ୍ଡପୀଠ କହିଛନ୍ତି। ଅଧିକ କଏଦୀ ସଂଖ୍ୟା ଥିବା ଜେଲଗୁଡ଼ିକରେ ଗ୍ରହଣ କରାଯିବାକୁ ଥିବା ପଦକ୍ଷେପ ସମ୍ପର୍କରେ ମଧ୍ୟ ସୂଚନା ଦେବା ପାଇଁ କୁହାଯାଇଛି। ସୁପ୍ରିମକୋର୍ଟ ଏ ସଂକ୍ରାନ୍ତ ଏକ ମାମଲାକୁ ନିଜ ଆଡୁ ବିଚାରକୁ ନେଇ ବରିଷ୍ଠ ଆଇନ୍‌ଜୀବୀ ଗୌରବ ଅଗ୍ରୱାଲଙ୍କୁ ଆମିକ୍ୱେଶ କ୍ୟୁରୀ ଭାବେ ନିଯୁକ୍ତ କରିଥିଲେ। ଶ୍ରୀ ଅଗ୍ରୱାଲଙ୍କ ରିପୋର୍ଟ ଆଧାରରେ କୋର୍ଟ ଏହି ନିର୍ଦ୍ଦେଶ ଦେଇଛନ୍ତି। ମହିଳା କଏଦୀ ଏବଂ ସେମାନଙ୍କ ପିଲାଙ୍କ ପାଇଁ ରହିଥିବା ସୁବିଧା ସୁଯୋଗ ସମ୍ପର୍କରେ ତଥ୍ୟରେ ଉଲ୍ଲେଖ କରିବାକୁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି  ଆସନ୍ତା ମଇ ମାସ ୨୬ ତାରିଖକୁ ଧାର୍ଯ୍ୟ କରାଯାଇଛି।

## ସଡକ ସୁରକ୍ଷା

ସଡକ ଦୁର୍ଘଟଣା ହ୍ରାସ କରିବା ଏବଂ ସଡକ ସୁରକ୍ଷା ନିୟମ କଡାକଡି ପାଳନ କରିବା ଉଦ୍ଦେଶ୍ୟରେ ପରିବହନ ବିଭାଗ ପକ୍ଷରୁ ରାଜ୍ୟବ୍ୟାପୀ ସ୍ୱତନ୍ତ୍ର ଅଭିଯାନ ଜାରି ରହିଛି। ପ୍ରତ୍ୟେକ ଆଂଚଳିକ ପରିବହନ ଅଧିକାରୀ-ଆରଟିଓ ପକ୍ଷରୁ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ଯାଞ୍ଚ କଡାକଡି କରାଯାଉଛି।  ନିୟମ ଉଲ୍ଲଙ୍ଘନକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ଏହି ସ୍ୱତନ୍ତ୍ର ଅଭିଯାନ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ।

## ପ୍ଲାଷ୍ଟିକ୍ ମୁକ୍ତ

**ନୂଆପଡା** ଜିଲ୍ଲାକୁ ପ୍ଲାଷ୍ଟିକ୍‌ମୁକ୍ତ କରିବା ଲକ୍ଷ୍ୟ ନେଇ ସମ୍ମିଳିତ ଉଦ୍ୟମ ଉପରେ ଜିଲ୍ଲାପାଳ ମଧୁସୂଦନ ଦାସ ଗୁରୁତ୍ୱ ଦେଇଛନ୍ତି। କୋମନା ବ୍ଲକ୍ ପାର୍ବତ୍ୟାଞ୍ଚଳ ସୁନାବେଡା ଅଭୟାରଣ୍ୟକୁ ଗସ୍ତରେ ଯାଇ ଶ୍ରୀ ଦାସ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ସମୀକ୍ଷା କରିବା ସହ ଜିଲ୍ଲାସ୍ତରୀୟ ଅଧିକାରୀ ଓ ସ୍ଥାନୀୟ ବାସୀନ୍ଦାଙ୍କ ସହ ମତବିନିମୟ କରିଛନ୍ତି।

## ପ୍ରତିଭା ଅନ୍ୱେଷଣ

**କେନ୍ଦ୍ରାପଡା** ମହାବିଦ୍ୟାଳୟ ଖେଳପଡିଆରେ ଆଜି ବ୍ଲକସ୍ତରରୀୟ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ରଘୁରାମ ଆର. ଆୟର କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି କହିଛନ୍ତି, ଯୁବ କ୍ରୀଡା ପ୍ରତିଭାଙ୍କୁ ଆଗକୁ ଆଣିବା ପାଇଁ ସରକାରଙ୍କ ତରଫରୁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି। କାର୍ଯ୍ୟକ୍ରମରେ ୮ ରୁ ୧୪ ବର୍ଷ ବୟସ୍କ ବର୍ଗର ପ୍ରାୟ ୧୦୦ ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଏଥିରେ ଅଂଶଗ୍ରହଣ କରିଥିଲେ।

## ପୋଷଣ-୧୫

**ମାଲକାନଗିରି** ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ଅଭିଯାନ ପୋଷଣ-୧୫ର ଶୁଭାରମ୍ଭ କରାଯାଇଛି। ଜିଲ୍ଲାରୁ ଅପପୁଷ୍ଟିର ସମ୍ପୂର୍ଣ୍ଣ ନିରାକରଣ ଏବଂ ଶିଶୁମାନଙ୍କ ସୁସ୍ଥ ଭବିଷ୍ୟତ ଗଠନ କରିବା ଲକ୍ଷ୍ୟରେ ଏହି ଅଭିଯାନ ଆରମ୍ଭ କରାଯାଇଛି ବୋଲି ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜ ସିରକେ କହିଛନ୍ତି। ଏହି ଅଭିଯାନରେ ଶିଶୁମାନଙ୍କ ମଧ୍ୟରେ ଥିବା ଅପପୁଷ୍ଟି ଓ ଶାରୀରିକ ଉଚ୍ଚତାରେ ସୃଷ୍ଟ ବ୍ୟାଘାତ ନିରାକରଣ ନିମନ୍ତେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯିବ। ଜିଲ୍ଲାର ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଙ୍କ ସମେତ ବରିଷ୍ଠ ଅଧିକାରୀମାନେ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

## ଦଣ୍ଡନୃତ୍ୟ

**ସୁବର୍ଣ୍ଣପୁର** ଜିଲ୍ଲାରେ ଶୈବ ଓ ଶାକ୍ତ ପରମ୍ପରାକୁ ନେଇ ସମୃଦ୍ଧ ଦଣ୍ଡନୃତ୍ୟ ବିଭିନ୍ନ ସ୍ଥାନରେ ପରିବେଷଣ କରାଯାଉଛି। ବୀରମହାରାଜପୁର ଉପଖଣ୍ଡର କଦୋଦର ଉମାଦେବୀ, ନାଗଡେଇ, ଗୋଧନେଶ୍ୱର ଆଦି ପୀଠରୁ ବାହାରିଥିବା ଦଣ୍ଡଯାତ୍ରା ଦଳ ଗାଁ କରୁ ଗାଁ ପରିକ୍ରମା କରୁଛନ୍ତି।

## ରଥକାଠ

ଆଗାମୀ ରଥଯାତ୍ରା ପାଇଁ ଗଞ୍ଜାମ ଜିଲ୍ଲା ବୁଗୁଡ଼ା ବନାଞ୍ଚଳରୁ ପୁରୀ ଶ୍ରୀକ୍ଷେତ୍ରକୁ କାଠ ପଠାଯାଇଛି। ବନାଞ୍ଚଳ ଅନ୍ତର୍ଗତ ଖରିଡା, ବଡଖୋଲି ଓ ସାନଖୋଲି ଅଂଚଳରୁ ୧୬ ଜଣ ଧାର୍ମିକ ବ୍ୟକ୍ତି ୧୬ଟି ବଡ଼ ଫାଶୀ କାଠ ରଥ ନିର୍ମାଣ ପାଇଁ ଦାନ କରିଛନ୍ତି। ପୂଜା ପରେ କାଠଗୁଡ଼ିକୁ ବୁଗୁଡ଼ା ବଡଦାଣ୍ଡ ଶ୍ରୀବଳଦେବଜୀଉଙ୍କ ମନ୍ଦିରକୁ ଅଣାଯାଇଥିଲା। ସେଠାରୁ ପୁରୀକୁ କାଠ ପଠାଯାଇଛି।

## ପାଣିପାଗ

ରାଜ୍ୟର ବିଭିନ୍ନ ଅଂଚଳରେ ଆଗାମୀ ଚାରି ଦିନ ମଧ୍ୟରେ ସର୍ବଧିକ ଦିନ ତାପମାତ୍ରା ୪ ଡିଗ୍ରୀ ସେଲସିୟସ୍ ପର୍ଯ୍ୟନ୍ତ ବୃଦ୍ଧି ପାଇବାର ସମ୍ଭାବନା ରହିଛି ବୋଲି ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ଆକଳନ କରିଛି। ଏହା ପରେ ଦିନ ତାପମାତ୍ରାରେ ବିଶେଷ ପରିବର୍ତ୍ତନ ଘଟିବ ନାହିଁ। ସପ୍ତାହକ ପର୍ଯ୍ୟନ୍ତ କେତେକ ଅଂଚଳରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇପାରେ। ଆସନ୍ତା ୨୪ ଘଣ୍ଟା ପର୍ଯ୍ୟନ୍ତ ଝଡ଼ ତୋଫାନ ଓ ବଜ୍ରପାତ ନେଇ ମୟୂରଭଞ୍ଜ, ବାଲେଶ୍ୱର, କୋରାପୁଟ ଓ ମାଲକାନଗିରି ଜିଲ୍ଲାକୁ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି।